## ସଂକ୍ଷେପରେ

### ୬ ବଖରା ଜଳିଗଲା



**ଓଡ଼ାପଡ଼ା, ୨୯।୧୧(ଡି.ଏନ.ଏ.):** ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା କଙ୍କାଲୁ ଗ୍ରାମରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ବନମାଳୀ ବେହେରାଙ୍କ ୫ ବଖରା ଏବଂ ଜିତେନ ବେହେରାଙ୍କ ବଖରାଏ ପୋଡ଼ିଯାଇଛି। ଖଜୁରିଆକଟାରୁ ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସର୍ବସ୍ୱ ଛାରଖାର ହୋଇଯାଇଥିଲା। ଅଗ୍ନିକାଣ୍ଡ ସମୟରେ ବିଦ୍ୟୁତ୍ କାଟ ହୋଇଥିଲା। ତେଣୁ କେଉଁ କାରଣରୁ ନିଆଁ ଲାଗିଲା ତାହା ଜଣାପଡ଼ିନାହିଁ। ଉଦ୍ଦେଶ୍ୟମୂଳକ ଭାବେ କେହି ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ସରପଞ୍ଚ ପ୍ରଣତୀ ପଣ୍ଡା, ଆର୍‌ଆଇ ଚନ୍ଦନ ଦାସ, ପିଇଓ ଲାଲବିହାରୀ ସାହୁ, ଜିଲା ପରିଷଦ ସଭ୍ୟ ଧର୍ମାନନ୍ଦ ସେନାପତି ପହଞ୍ଚି ବିପନ୍ନ ପରିବାରକୁ ଚାଉଳ, ଡାଲି ଏବଂ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

### ନିରଞ୍ଜନ ମେମୋରିଆଲ ଫୁଟ୍‌ବଲ: ଫାଇନାଲରେ ଦୁର୍ଗାପ୍ରସାଦ

**ଢେଙ୍କାନାଳ ଅଫିସ, ୨୯।୧୧:** ଢେଙ୍କାନାଳ ସଦର ବ୍ଲକ ଦୁର୍ଗାପ୍ରସାଦ ଗ୍ରାମରେ ଆରମ୍ଭ ହୋଇଛି ୧୭ତମ ନିରଞ୍ଜନ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ। ବିରଞ୍ଚି ନାରାୟଣ ଫୁଟବଲ କମିଟି ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଆୟୋଜକ ଦୁର୍ଗାପ୍ରସାଦ ୧-୦ ଗୋଲରେ ଚିରୁଳେଇକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ସଂଘର୍ଷପୂର୍ଣ୍ଣ ମ୍ୟାଚର ୩୯ତମ ମିନିଟରେ ବିଜୟୀ ଦଳର ସୁଶାନ୍ତ ବେହେରା ଏକମାତ୍ର ଗୋଲ ଦେଇଥିଲେ। ପର୍ଶୁରାମ ମିଶ୍ର, ଘନଶ୍ୟାମ ହୋତା, ସୁଶୀଲ ପଣ୍ଡା ରେଫରି ରହିଥିଲେ। ସନ୍ତୋଷ ରାଉତ, ସୁଧୀର ରାଉତ, ରମାକାନ୍ତ ରାଉତ, ଶ୍ରୀଧର ବିଶ୍ୱାଳ, କାଳିଆ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଗୁଣ୍ଡିଚାପଡ଼ା ଦଳ ଦଣ୍ଡେଇବେରେଣୀକୁ ଭେଟିବ।

### ଗୋରୁ ବୋଝେଇ ଗାଡ଼ି ଜବତ, ୪ ଅଟକ

**ଢେଙ୍କାନାଳ ଅଫିସ, ୨୯।୧୧:** ଢେଙ୍କାନାଳ ସଦର ଥାନା ଅଧୀନ ୫୫ନଂ. ଜାତୀୟ ରାଜପଥର ପଞ୍ଚୁପଟି କେନାଲ ନିକଟରୁ ଶୁକ୍ରବାର ସକାଳେ ପୋଲିସ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ (ନଂ. ଓଆର ୦୨ଟି ୪୯୯୫) ଜବତ କରିଛି। ଏହି ଘଟଣାରେ ୪ଜଣଙ୍କୁ ଅଟକ ରଖାଯାଇଛି। ରାସୋଳ ଥାନା ଅଞ୍ଚଳରୁ କାମାକ୍ଷାନଗର ଉପଖଣ୍ଡ ଜିରାଳ ଅଞ୍ଚଳକୁ ଉକ୍ତ ଗୋରୁ ଚାଲାଣ କରାଯାଉଥିଲା। ରାସ୍ତା ଜାମ୍ ହୋଇଥିବାରୁ ଏହି ଘଟଣା ଧରାପଡ଼ିଯାଇଥିଲା। କେତେଜଣ ଯୁବକ ଗୋରୁ ବୋଝେଇ ଗାଡ଼ି ଅଟକାଇ ପୋଲିସକୁ ସୂଚନା ଦେଇଥିଲେ। ଭ୍ୟାନ୍‌ରୁ ୭ଗୋରୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସୂଚନା ଦେଇଛନ୍ତି।

### ଖେଳକୁଦ ସମାରୋହ



**ଢେଙ୍କାନାଳ ଅଫିସ, ୨୯।୧୧:** ଢେଙ୍କାନାଳ ସୁନ୍ଦରିଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶଶିମୌଳି ରଥ, ସମ୍ମାନିତ ଅତିଥି ସ୍କୁଲ କମିଟି ସଭ୍ୟ ସୁଲୋଚନା ତ୍ରିପାଠୀ, ସାମାଜିକ କର୍ମୀ ନୃସିଂହଚରଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ସମ୍ପାଦକ ବିଶ୍ୱନାଥ ବେହେରା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ୧୭୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୧୧ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସ୍ୱାଧୀନ ସାହୁ, ସ୍ୱପ୍ନା ପ୍ରିୟଦର୍ଶିନୀ ବିଶ୍ୱାଳ, ଶ୍ରାବଣୀ ଜେନା, ତନ୍ମୟା ସାହୁ, ସୂର୍ଯ୍ୟାଂଶୁ ମହାଳିକ, ସ୍ୱାଗତିକା ନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ପୁରସ୍କୃତ ହୋଇଛନ୍ତି। ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ସାହୁ ଅତିଥି ପରିଚୟ ଏବଂ ସହପ୍ରଧାନ ଆଚାର୍ଯ୍ୟ ମିଲୁ ଚରଣ ଦେହୁରୀ ଧନ୍ୟବାଦ ଦେଇଥିଲେ। ଚିନ୍ତାମଣି ନାଥ, ନିରଞ୍ଜନ ବେହେରା, କନକଲତା ପ୍ରଧାନ, ଉଷାରାଣୀ ଦାସ, ପ୍ରତିଭା ଦାସ, ସସ୍ମିତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ଆଇଆଇଏମ୍‌ସିରେ କର୍ମଶାଳା

# ଶିକ୍ଷାରେ ଏବେ ବି ପଛୁଆ ନାରୀ

**ଢେଙ୍କାନାଳ ଅଫିସ, ୨୯।୧୧**

ବିଭିନ୍ନ କ୍ଷେତ୍ରରେ ଆଜି ବି ନାରୀ ଅବହେଳିତ ହୋଇ ରହିଛି। ମହିଳାଙ୍କୁ ଠିକ୍ ଭାବେ ଶିକ୍ଷା ଅଧିକାର ମିଳୁନାହିଁ। ପ୍ରାଥମିକସ୍ତରରେ ନାରୀଶିକ୍ଷା ବହୁ ପଛରେ ପଡ଼ିଛି। ଦେଶରେ ୫ମ ଶ୍ରେଣୀରୁ ପାଠ ଛାଡୁଥିବା ବାଳିକାଙ୍କ ସଂଖ୍ୟା ସବୁଠୁ ଅଧିକ। ୨୮.୫% ପିଲା ୫ମ ଶ୍ରେଣୀରୁ ପାଠପଢ଼ାରେ ଡୋରି ବାନ୍ଧୁଛନ୍ତି । ୭୨.୭% ବାଳିକା ୭ମ ଶ୍ରେଣୀଯାଏ ଶିକ୍ଷାଲାଭ କରିପାରୁଛନ୍ତି। ଦୁର୍ଗମ ଅଞ୍ଚଳରେ ମହିଳା ଶିକ୍ଷାର ମାନଦଣ୍ଡ ନଗଣ୍ୟ। ରାସ୍ତା, ସ୍କୁଲ, ଶିକ୍ଷକ ସମେତ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ସେମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏଭଳି ସମସ୍ୟାଭିତ୍ତିକ ପ୍ରସଙ୍ଗ ଉପରେ ଗଣମାଧ୍ୟମ ଅଧିକ ଗୁରୁତ୍ୱ ଦେବା ଜରୁରୀ ବୋଲି କହିଛନ୍ତି ଅକ୍ସଫାମ୍ ଇଣ୍ଡିଆର ରଶ୍ମି‌ଣୀ ପଣ୍ଡା। ସ୍ଥାନୀୟ ଆଇଆଇଏମ୍‌ସି ପରିସରରେ ଶୁକ୍ରବାର 'ନାରୀ ଶିକ୍ଷାଗତ ଅଧିକାର' ସମ୍ପର୍କିତ କର୍ମଶାଳାରେ ଯୋଗଦେଇ ସେ ଏହା କହିଛନ୍ତି।





ଆଇଆଇଏମ୍‌ସିରେ କର୍ମଶାଳାରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ଆଲୋଚନାରେ ଭାଗନେଇ ଗଣମାଧ୍ୟମ ପ୍ରତିନିଧି ରାଖୀ ଘୋଷ କହିଲେ, ବାଲ୍ୟ ବିବାହ ଯୋଗୁ ଝିଅମାନେ ସାମାଜିକ କ୍ଷେତ୍ରରେ ପଛରେ ପଡ଼ିଯାଉଛନ୍ତି। ସେମାନଙ୍କୁ ପୁଅଙ୍କ ତୁଳନାରେ ଗୌଣ ବିବେଚନା କରାଯାଉଛି। ଝିଅ ଜନ୍ମ ପର ଘରକୁ ମାନସିକତା ଆଜି ବି ବଦଳିନି। ପୁଅଙ୍କ ପରି ଆବଶ୍ୟକ ସୁବିଧା ଝିଅଙ୍କୁ ମିଳୁନାହିଁ। କର୍ମକ୍ଷେତ୍ରରେ ହେଉ କି ଶାଶୁଘର ସବୁଠି ନାରୀ ନିର୍ଯାତିତା ବୋଲି ସେ ମତବ୍ୟକ୍ତ ରଖିଥିଲେ। ସଂସ୍ଥାନର ସହାୟକ ପ୍ରଫେସର ଡ. ଜ୍ୟୋତିପ୍ରକାଶ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ସ୍ୱାତୀ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଭିଡିଓ 'ନାରୀ ସୁରକ୍ଷାରେ ଗଣମାଧ୍ୟମର ଭୂମିକା' ପ୍ରଦର୍ଶିତ ହୋଇଥିଲା।

## ଗୋରୁ ବ୍ୟବସାୟୀଙ୍କଠାରୁ ୬୦ ହଜାର ଲୁଟ୍

**କାମାକ୍ଷାନଗର, ୨୯।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରାଳ-ମହୁଲପାଳ ରାସ୍ତାର ସାରୁଆଳି ନିକଟରେ ଶୁକ୍ରବାର ଅପରାହ୍ନରେ ୩ଜଣ ଗୋରୁ ବ୍ୟବସାୟୀଙ୍କୁ ଆକ୍ରମଣ କରି ଦୁର୍ବୃତ୍ତମାନେ ୬୦ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏତଲାରେ ଦର୍ଶାଯାଇଛି, କାଦୁଆ ଗ୍ରାମର ଭରତ ସାହୁ, ରେକୁଳାର ପ୍ରକାଶ ମାହୁନ୍ତ, ମହୁଲପାଳର ଦୀନବନ୍ଧୁ ପରିଡ଼ା ଜିରାଳ ହାଟରେ ଗୋରୁ ବିକ୍ରି କରିଥିଲେ। ୬୦ ହଜାର ଟଙ୍କା ଧରି ସମ୍ପୃକ୍ତ ୩ଜଣ ଏକ ବାଇକ୍ (ନଂ. ଓଆର ୦୬ ଜେ ୧୪୧୧)ରେ କାମାକ୍ଷାନଗର ଆସୁଥିଲେ। ଏହି ସମୟରେ ବାଇକ୍‌ରେ ପିଛା କରୁଥିବା ୨ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ। ଏ ସଂକ୍ରାନ୍ତରେ ଥାନାଧିକାରୀ ଅଭିନବ ଡାଲୁଆ କୁହନ୍ତି, ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ ହୋଇଛି। ପ୍ରମାଣ ମିଳିଲେ ମାମଲା ରୁଜୁ କରାଯିବ।

# ବିତ୍ତୀୟ ସାକ୍ଷରତା ପ୍ରଗତିର ପଥ



କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

**କାମାକ୍ଷାନଗର, ୨୯।୧୧(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ ପରିସରରେ ଶୁକ୍ରବାର ବିତ୍ତୀୟ ସାକ୍ଷରତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କ ପରିଚାଳକ ଖୁସିରାମ ସାହୁ ଯୋଗଦେଇ କହିଲେ, ବିତ୍ତୀୟ ସାକ୍ଷରତା ହିଁ ପ୍ରଗତିର ପଥ। ପିଲାମାନେ ଛୋଟବେଳୁ ଏ ସମ୍ପର୍କରେ ଜ୍ଞାନ ଆହରଣ କରିବା ଉଚିତ ବୋଲି ସେ କହିଥିଲେ। ବ୍ୟାଙ୍କର କାର୍ଯ୍ୟ, ଦାୟିତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରମାନେ ଜାଣିବା ଜରୁରୀ ବୋଲି ମୁଖ୍ୟବକ୍ତା ବିଇଓ ଅଜୟ ପାତ୍ର ପରାମର୍ଶ ଦେଇଥିଲେ। ଅଗ୍ରଣୀ ବ୍ୟାଙ୍କ ପରିଚାଳକ ବିଶ୍ୱନାଥ ପଟ୍ଟନାୟକ, ସଂଯୋଜକ ରବିନାରାୟଣ ପାଣିଗ୍ରାହୀ, ୟୁକୋ ବ୍ୟାଙ୍କ ପରିଚାଳକ ସୁଶାନ୍ତ କୁମାର ମହାପାତ୍ର ବ୍ୟାଙ୍କର କାର୍ଯ୍ୟପଦ୍ଧତି ସମ୍ପର୍କରେ ସୂଚନା ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୈଳାସ ରାଉତ, ପୂର୍ବତନ ପ୍ରଧାନ ଶିକ୍ଷକ ଲୋକନାଥ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଠିକ୍ ଉତ୍ତର ଦେଇଥିବା ୫ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କର୍ମଶାଳାରେ ଅଂଶଗ୍ରହଣ କରିଥିବା ସମସ୍ତ ପିଲାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ୨୬୧ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର





ଜଣେ ଦିବ୍ୟାଙ୍ଗଙ୍କୁ ବସ୍‌ପାସ୍ ପ୍ରଦାନ କରାଯାଉଛି।

**ଭୁବନ, ୨୯।୧୧(ଡି.ଏନ.ଏ.)**

ଭୁବନ ବ୍ଲକ ବିଆର୍‌ସିସି କାର୍ଯ୍ୟାଳୟରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୩୯୯ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୬୧ଜଣ ପ୍ରମାଣପତ୍ର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୪୪ଜଣଙ୍କୁ ବସ୍‌ପାସ୍ ପ୍ରଦାନ କରାଯାଇଛି। ବିଡିଓ ଆଶୀର୍ବାଦ ପରିଡ଼ା, ତହସିଲଦାର ଶକ୍ତିକାନ୍ତ ରାୟ, ସିଡିପିଓ ପ୍ରମୋଦିନୀ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ଶ୍ରୀମନ୍ତ ଆଚାର୍ଯ୍ୟ, ଜିପିଇଓ ଟଙ୍କଧର ମହାନ୍ତି, ଡିଏସ୍‌ଏସ୍‌ଓ ପ୍ରସନ୍ନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ରୋଗୀଙ୍କୁ ଚିହ୍ନଟ କରିଥିଲେ। ପ୍ରଗତି ସହାୟକ ଲିଆକତ୍ ଅଲ୍ଲି, ବିଏସ୍‌ଏସ୍‌ଓ ନମିତା ମିଶ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶିଶୁ ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ୍

**ଢେଙ୍କାନାଳ ଅଫିସ, ୨୯।୧୧**

ଢେଙ୍କାନାଳ ଜିଲା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ଏକ ଶିଶୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ବିଚାରପତି ରାଜକିଶୋର ମହାପାତ୍ର ମାମଲାର ଶୁଣାଣି କରି ଅଭିଯୁକ୍ତ କାଳିନ୍ଦୀ ସ୍ୱାଇଁ (୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୬ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପୋକ୍‌ସୋ) ସୁଲେମାନ ଖାଁ ମାମଲା ପରିଚାଳନା କରିଥିଲେ। ୨୦୧୫ ଅଗଷ୍ଟ ୮ରେ ମୋଟଙ୍ଗା ଥାନା ଅଞ୍ଚଳର ଜଣେ ୩ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ସୁରଭି ଗ୍ରାମର କାଳିନ୍ଦୀ ଶିଶୁଟିକୁ ଟେକି ଆଣି ବଳାତ୍କାର କରିଥିଲେ। ପୀଡ଼ିତା ଶିଶୁଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ନଂ. ୧୩୯/୧୫, ଦଫା ୩୭୬ (୨) (ଆଇ) ଓ ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଚାର୍ଜଶିଟ୍ ଦାଖଲ କରିଥିଲା। ମାମଲାର ସିଟି ସ୍ପେଶାଲ ପୋକ୍‌ସୋ ନଂ. ୨୪/୧୫ ଅନୁଯାୟୀ ୧୬ଜଣଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ଡାକ୍ତରୀ ରିପୋର୍ଟକୁ ଭିତ୍ତିକରି ଅଦାଲତ ଏହି ରାୟ ଶୁଣାଇଛନ୍ତି।

■କାଳୀବଜାର ବଣିକ ସଂଘର ନୂତନ କର୍ମକର୍ତ୍ତା

# ସମୀର ସଭାପତି, ସରୋଜ ସମ୍ପାଦକ



କମିଟିର ନୂତନ କର୍ମକର୍ତ୍ତା ଏବଂ ଅନ୍ୟମାନେ।

**ଭୁବନ, ୨୯।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ କାଳୀବଜାର ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ ଶୁକ୍ରବାର ସ୍ଥାନୀୟ ବାଜି ରାଉତ ଶହୀଦ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସମୀର କୁମାର ସାହୁ, ଉପସଭାପତି ବାବନ ପୃଷ୍ଟି, ନୀଳମାଧବ ସାହୁ, ସମ୍ପାଦକ ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ଭାବେ ରାମ ଅବତାର ମେହେଟ୍ଟାଙ୍କୁ ମନୋନୀତ କରାଯାଇଛି। ବରିଷ୍ଠ ସଦସ୍ୟ ସୁବ୍ରତ କୁମାର ସାହୁ, ଜ୍ଞାନରଞ୍ଜନ ସାହୁ, ହିମାଂଶୁ ଶେଖର ମହାରଣା, ଦୀପକ କୁମାର ସାହୁ, ମହେଶ୍ୱର ବାରିକ, ଅମିତୋଷ ସାହୁ ପ୍ରମୁଖ ଉପଦେଷ୍ଟାମଣ୍ଡଳୀରେ ସ୍ଥାନ ପାଇଛନ୍ତି।

ଆସନ୍ତା ବର୍ଷ କାଳୀପୂଜାରେ ମା'ଙ୍କ ଚାନ୍ଦି ମେଢ଼ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଯଥାସାଧ୍ୟ ସହାୟତା କରିବାକୁ ନିବେଦନ କରାଯାଇଛି। ସମ୍ପାଦକ ସାହୁ ଗତବର୍ଷର ଆୟବ୍ୟୟ ସମ୍ପର୍କରେ ଆଲୋଚନା କରିବା ସହ ଧନ୍ୟବାଦ ଦେଇଥିଲେ।

# ନିଯୁକ୍ତି ପରାମର୍ଶ ଶିବିର

**କାମାକ୍ଷାନଗର, ୨୯।୧୧(ଡି.ଏନ.ଏ.)**

କାମାକ୍ଷାନଗର ବିଜୁ କଲ୍ୟାଣ ମଣ୍ଡପରେ ଶୁକ୍ରବାର ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ଏବଂ ଓର୍‌ମାସର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯକ୍ରମରେ ବିଡିଓ ବିକାଶ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପଞ୍ଜୀକୃତ ହୋଇଥିବା ୬୩୫ ଆଶାୟୀଙ୍କ ମଧ୍ୟରୁ ୫୨୪ଜଣ ବିଭିନ୍ନ କମ୍ପାନୀରେ ତାଲିମ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଶିବିରରେ ୧୭ଟି କମ୍ପାନୀ ଉପସ୍ଥିତ ରହି ମୂଲ୍ୟବାନ ପରାମର୍ଶ ଦେଇଥିଲେ।

ଓର୍‌ମାସର ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଜିଲା ଜୀବିକା ମିଶନ ଅଧିକାରୀ ନୀରୋଦ କୁମାର ଜେନା, ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁ, ବ୍ଲକ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ପ୍ରଗତି ସହାୟକ ଶତ୍ରୁଘ୍ନ ଦଣ୍ଡପାଟ, ଜୀବିକା ମିଶନର ବ୍ଲକ ସଂଯୋଜକ ଜଗମୋହନ ସାମଲ, ଦୀନବନ୍ଧୁ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଶାୟୀମାନେ ନାମ ପଞ୍ଜୀକରଣ କରୁଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଧମକ: ୧୫ ଜଣଙ୍କ ନାଁରେ ମାମଲା

**ଧାମନଗର, ୨୯।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ପଳିକିରି ନୋଡାଲ ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କୁ ଗାଳିଗୁଲଜ ସହ ଧମକ ଦେବା ଘଟଣାରେ ସ୍ଥାନୀୟ ପୋଲିସ ୧୫ ଜଣଙ୍କ ନାଁରେ ମାମଲା(ନଂ. ୨୬୦/୧୯) ରୁଜୁ କରିଛି। ସେମାନଙ୍କ ମଧ୍ୟରୁ ୫ ଜଣ ମହିଳା ଓ ୧୦ ଜଣ ପୁରୁଷ ଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଶିକ୍ଷୟିତ୍ରୀ ଜଣଙ୍କ ପୋଲିସକୁ ସୁରକ୍ଷା ମାଗିବା ସହିତ ଶୁକ୍ରବାରଠାରୁ ଛୁଟିରେ ଅଛନ୍ତି।

■ଅବକାରୀ ଧରାପଗଡ଼

# ୭ ମାସରେ ଧରାପଡ଼ିଛନ୍ତି ୧୬

**ଢେଙ୍କାନାଳ ଅଫିସ, ୨୯।୧୧**

■୭୩ ଲକ୍ଷ ଟଙ୍କାର ସାମଗ୍ରୀ ଜବତ

■କାର୍ଯ୍ୟାନୁଷ୍ଠାନ ଜାରି ରହିବ: ଅବକାରୀ ଅଧୀକ୍ଷକ

ଢେଙ୍କାନାଳ ଜିଲାରେ ଗତ ୭ମାସରେ ୩୮ଥର ଅବକାରୀ ଧରପଗଡ଼ ହୋଇଛି। ନିଶା କାରବାରରେ ସମ୍ପୃକ୍ତ ଅଭିଯୋଗରେ ୧୬ଜଣ ଗିରଫ ହୋଇଛନ୍ତି। ମଦ ପ୍ରସ୍ତୁତି ଉପକରଣ, ଚାଲାଣରେ ବ୍ୟବହୃତ ଯାନବାହନ ସମେତ ୭୩ଲକ୍ଷ ଟଙ୍କାର ସାମଗ୍ରୀ ଜବତ ହୋଇଛି। ଆଗାମୀ ଦିନରେ ଏପରି ଚଢ଼ାଉ ବଳବତ୍ତର ରହିବ ବୋଲି କହିଛନ୍ତି ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀ।

ଗତ ଏପ୍ରିଲରୁ ଅଦ୍ୟାବଧି ଭୁବନ ଅଞ୍ଚଳରେ ନକଲି ବିଦେଶୀ ମଦ କାରଖାନା ଉପରେ ୪ଥର ଚଢ଼ାଉ କରାଯାଇଛି। ଏହି ଘଟଣାରେ ୮ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଘଟଣାସ୍ଥଳରୁ ୬୯୦ ଲିଟର ସ୍ପିରିଟ୍, ୨୮୬ ଲିଟର ନକଲି ବିଦେଶୀ ମଦ, ୨ଟି ମଦ ସିଲ୍ ମେଶିନ, ବୋଲେରୋ, କାର, ଅଟୋରିକ୍ସା ସହ ନଗଦ ସାଢ଼େ ୧୪ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଥିଲା। ସେହିପରି ପରଜଙ୍ଗ ବ୍ଲକ ଆମ୍ବପଳାଶ ଗ୍ରାମରେ ୨୨ଥର ଚଢ଼ାଉ କରାଯାଇ ୭ଜଣଙ୍କୁ ଗିରଫ କରାଯାଇଛି। ୪୭୦ଲିଟର ଚୋରା ଦେଶୀ ମଦ, ୫୧,୫୦୦ ଲିଟର ପୋଚ, ୬ବାଇକ ସହ ୨୯ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ସେହିପରି ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଢ଼ାଯାଇଥିବା ସ୍କ୍ୱାଡ୍ ତଥା ଶୃଙ୍ଖଳାମୂଳକ ଦଳ ପକ୍ଷରୁ ୧୨ଥର ଚଢ଼ାଉ କରାଯାଇ ବିଭିନ୍ନ ସ୍ଥାନରୁ ୪୭୦ ଲିଟର ଚୋରା ଦେଶୀ ମଦ, ୫୯,୦୫୦ ଲିଟର ପୋଚ, ୮୬ ପ୍ଲାଷ୍ଟିକ ଡ୍ରମ୍ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୨୯ ଲକ୍ଷ ୫୦ ହଜାର ଟଙ୍କା ହେବ। ଏସବୁ ଘଟଣାରେ ୨୭ ମାମଲା ରୁଜୁ କରାଯାଇଥିବାବେଳେ ଜଣେ ଗିରଫ ହୋଇଛନ୍ତି। ସ୍କ୍ୱାଡ୍‌ରେ ଏସ୍‌ପି, ସିଡିଏମ୍‌ଓ, ଜିଲା ବନଖଣ୍ଡ ଅଧିକାରୀ, ଡ୍ରଗ୍ସ ଇନ୍ସପେକ୍ଟର, ରାଜସ୍ୱ ଏବଂ ଅବକାରୀ ବିଭାଗ ଅଧିକାରୀମାନେ ରହିଥିବା ଜିଲା ଅବକାରୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

**SUIIT**

**SAMBALPUR UNIVERSITY INSTITUTE OF INFORMATION TECHNOLOGY**

Order: 1396/SUIIT — Date- 28.11.2019

**SUIIT was established in the year 2010 as a Constituent Autonomous Unit of Sambalpur University with the approval of Dept. of Higher Education, Govt. of Odisha**

**VISION**

- To enlighten the young minds by giving patronage to the quest for knowledge.
- To contribute to mankind through excellence in scientific and technological education and research.
- To prove to be a valuable resource for industry and society alike and to remain a symbol of pride for all Indians.

**MISSION**

To inspire young minds to lead the world in the right direction by quality research in Information Technology and allied areas and to create a technically sound workforce that puts the nation in safer hands for a bright future.

**SUIIT offers the following IT related programmes in Self-sustaining mode:**

- B. Tech.: Computer Science and Engineering (CSE)
- B. Tech.: Electronics and Communication Engineering (ECE)
- B. Tech.: Electrical and Electronics Engineering (EEE)
- M. Tech.: Computer Science and Engineering
- M. Tech.: Communication System Engineering
- M. Tech.: Embedded Systems Design
- Master in Computer Application
- M. Sc.: Computer Science
- M. Sc.: Electronics
- M. Phil: Computer Science
- M. Phil: Electronics
- Nodal Centre for Ph.D in CSE, EEE, Electronics Engineering
- SUIIT is also Nodal Centre for OJEE

**HIGHLIGHTS**

- SUIIT has a Training & Placement cell. Students are being exposed to advance mode of training through summer internship programmes and industrial tours at different reputed organizations to make the students industry worthy.
- Our alumni are placed in the reputed companies like TCS, Infosys, IBM, HCL, Cognizant Technology Solutions, Tech Mahindra, Citrix, Aptus Datalabs, Silicon Interfaces, MAINTech, WIPRO etc.
- Our students are also admitted into IIM, XIMB, IMT, ISI & other reputed organisations through GATE, XAT & CSIR/UGC–NET for their higher study.
- Some students joined in reputed institutions abroad for their higher studies.
- Awarded as "Best emerging Technical Institute" of Odisha on the eve of Engineer's Day on 15th Sept. 2013 by Ever Green Forum.
- We have collaborative activities with Startup Odisha and our students won the first prize in Industry group in Make in Odisha (Smart Odisha Hackathon).
- Visiting professors / motivators from reputed institutes namely IIT / ISI / NIT / Central Universities / State Universities and industries visit the institute regularly.
- We have students activities through innovation Club, Cultural Club, Sports Club and Literary Club throughout the year.

## ସଂକ୍ଷେପରେ

### ଚାଷୀ-ମୂଲିଆ ସଂଘ ପକ୍ଷରୁ ଦାବିପତ୍ର

ଚାନ୍ଦବାଲି,୨୯।୧୧(ଡି.ଏନ.ଏ.)- ଚାଷୀ-ମୂଲିଆ ସଂଘର ଚାନ୍ଦବାଲି ବ୍ଲକ କମିଟି ପକ୍ଷରୁ ଶୁକ୍ରବାର ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଚାନ୍ଦବାଲି ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରାରେ ଯାଇ ଚାଷୀ ଓ ମୁଲିଆମାନେ ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ସଂଘ ପକ୍ଷରୁ ଅତୁଲ ଜେନା, ଦଶରଥ ଜେନା, ବୀରକିଶୋର ଜେନା, ଉମାକାନ୍ତ ଜେନା ଓ ଶଙ୍କର୍ଷଣ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ। ବୁଲ୍‌ବୁଲ୍ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ ବେଳେ ତହସିଲସ୍ତରୀୟ ଏକ କମିଟି ଗଠନ, ଭୂମିହୀନ ଚାଷୀଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ସହାୟତା ପ୍ରଦାନ, କ୍ଷତିପୂରଣ ରାଶି ଏକର ପ୍ରତି ୨୦ ହଜାର ଟଙ୍କା, କ୍ଷତିଗ୍ରସ୍ତ ଅଞ୍ଚଳରେ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼, ବାତ୍ୟାରେ କ୍ଷତିଗ୍ରସ୍ତ ଗୃହ ପାଇଁ ମୋ କୁଡ଼ିଆ ଓ ପକ୍କା ଗୁହାଳ ଯୋଗାଣ, ରବିଋତୁରେ ମାଗଣାରେ ମୁଗ, ବିରି ଆଦି ବିହନ, କୀଟନାଶକ ଔଷଧ, ସାର ଯୋଗାଣ, ଜଳକର ଛାଡ଼, ଖାଉଟି ସାମଗ୍ରୀର ଦରଦାମ୍ ହ୍ରାସ, ତଦନ୍ତ ସମୟରେ ପାତରଅନ୍ତର ବନ୍ଦ ଆଦି ଦାବି ସଂଘ ପକ୍ଷରୁ ଉପସ୍ଥାପନ କରାଯାଇଛି।

### ୨ ବଖରା ଜଳିଗଲା

ଭଣ୍ଡାରିପୋଖରୀ,୨୯।୧୧ (ଡି.ଏନ.ଏ.)- ଭଣ୍ଡାରିପୋଖରୀ ବ୍ଲକ ରଣଜିତ ପଞ୍ଚାୟତ ମାଳିପଦୀ ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ଶୁଭଦର୍ଶନ ମହାନ୍ତି ଓ ଦିବ୍ୟଦର୍ଶନ ମହାନ୍ତିଙ୍କ ୨ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ସେମାନଙ୍କ ଘରର ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ୍‌ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ତେବେ ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### 'ଶବ୍ଦ ମାନେ ଶକୁନ୍ତଳା' ଉନ୍ମୋଚିତ

ଭଦ୍ରକ ଅଫିସ, ୨୯।୧୧

ଭଦ୍ରକ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶିକ୍ଷକ ରତିକାନ୍ତ ବେହେରାଙ୍କ କବିତା ପୁସ୍ତକ 'ଶବ୍ଦ ମାନେ ଶକୁନ୍ତଳା' ଉନ୍ମୋଚିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ବିଜୟ ନାୟକ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ।

# ବରଡ଼ା ଛପର ତଳେ ବିଦ୍ୟାଳୟ

ଆଠମଲ୍ଲିକ, ୨୯।୧୧(ଡି.ଏନ.ଏ.)


ବରଡ଼ା ଛପର ତଳେ ଶିକ୍ଷକ ପାଠ ପଢାଉଛନ୍ତି।

- ନାହିଁ କାନ୍ଥ, ପାଚେରି
- ଗୋଟିଏ ସ୍ଥାନରେ ଶିକ୍ଷାଦାନ, ରୋଷେଇ
- ଶୌଚାଳୟରେ ଚାଲୁଛି ସ୍କୁଲ ଅଫିସ୍
- ବର୍ଷାହେଲେ ପଲିଥିନ ଭରସା
- ଅଭିଯୋଗ ପରେ ପହଞ୍ଚିଲେ ଉପଜିଲାପାଳ

ପତ୍ରଫଣ୍ଡିରୁ ଆରମ୍ଭ ହୋଇ ଗ୍ରାମବାସୀଙ୍କ ଉଦ୍ୟମରେ ବରଡା ଛପର ଘରେ ପହଞ୍ଚିଥିବା ବିଦ୍ୟାଳୟର ବିକାଶ ଭୁଲିଯାଇଛି ପ୍ରଶାସନ। ଫଳରେ ବିନା ଶ୍ରେଣୀଗୃହରେ ଖୋଲାମେଲାରେ ବିପଦସଙ୍କୁଳ ଭାବେ ପାଠ ପଢୁଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ସଦର ମହକୁମା ୩ ନମ୍ବର ୱାର୍ଡ ସିଦ୍ଧପୁର ଗ୍ରାମର ପିଲାମାନେ। ଅବସ୍ଥା ଏପରି କି ଘରଟିଏ ନ ଥିବାରୁ ଶୌଚାଳୟରେ ବିଦ୍ୟାଳୟର କାର୍ଯ୍ୟାଳୟ ଚାଲୁଛି। ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ପାଇଁ ସରକାର ସର୍ବାଧିକ ଉଦ୍ୟମ କରୁଥିବା କହୁଥିବାବେଳେ ଏହାର ବାସ୍ତବତାକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି ଗ୍ରାମବାସୀ। ବାରମ୍ବାର ଅବଗତ କରାଇବା ସତ୍ତ୍ୱେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସେମାନେ ଅଭିଯୋଗ ଆଣିଛନ୍ତି।

୨୦୦୯ ଡିସେମ୍ବରରେ ସ୍ଥାପନ ହୋଇଥିଲା ସିଦ୍ଧପୁର ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ଥିବାବେଳେ ୨ ଜଣ ଶିକ୍ଷକଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ସୂଚନା ମୁତାବକ, ଗ୍ରାମ ଫଣ୍ଡିରୁ ପ୍ରଥମେ ଏହି ବିଦ୍ୟାଳୟ ଆରମ୍ଭ ହୋଇଥିଲା। ସ୍କୁଲର ବିକାଶ ପାଇଁ ଗ୍ରାମବାସୀଙ୍କ ଉଦ୍ୟମରେ ନଡା, ବରଡ଼ା ଛପର କରି ଅସ୍ଥାୟୀ ଭାବେ ଶିକ୍ଷାଦାନର ବ୍ୟବସ୍ଥା ହୋଇଥିଲା। ହେଲେ ବିଦ୍ୟାଳୟ ସ୍ଥାପନକୁ ପ୍ରାୟ ୧୦ ବର୍ଷ ପୂରିଥିଲେ ହେଁ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ ସେଠାରେ ଶ୍ରେଣୀଗୃହ ଖଣ୍ଡିଏ ନିର୍ମାଣ ହୋଇପାରି ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ପାଠ ପଢାଯାଉଥିବା ସ୍ଥାନରେ କାନ୍ଥ କିମ୍ବା ପାଚେରିଟିଏ ନ ଥିବାରୁ ପିଲାମାନେ ଖୋଲାରେ ବସୁଛନ୍ତି। ଅନେକ ସମୟରେ ପାଠପଢା ସ୍ଥାନରେ ସାପ ଆଦି ପଶି ଯାଉଥିବାରୁ ପିଲାମାନଙ୍କ ମଧ୍ୟରେ ଭୟ ଲାଗି ରହୁଛି। ଗୋରୁ, ବୁଲା କୁକୁର ମଧ୍ୟ ସେଠାରେ ଚରାବୁଲା କରୁଛନ୍ତି। ସେହିପରି ଗୋଟିଏ ସ୍ଥାନରେ ପାଠପଢା ଏବଂ ରୋଷେଇ କରାଯାଉଛି। ବର୍ଷା ହେଲେ ଶିକ୍ଷାଦାନ କଷ୍ଟକର ହୋଇପଡୁଛି। ତେଣୁ ବର୍ଷାଦିନେ ପଲିଥିନ ଉପରେ ନିର୍ଭର କରିବାକୁ ପଡେ। ପାଖରେ ବଡ ବଡ ଗଛ ଥିବାରୁ ବଜ୍ରପାତର ଭୟ ମଧ୍ୟ ରହିଥାଏ। ସେହିପରି ଗୃହ ନ ଥିବାରୁ ଶୌଚାଳୟରେ ବିଦ୍ୟାଳୟ କାର୍ଯ୍ୟାଳୟ ଚାଲୁଛି। ସମସ୍ୟା ସମ୍ପର୍କରେ ଅବଗତ କରାଇବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଅଭିଯୋଗ ପାଇ ଶୁକ୍ରବାର ଆଠମଲ୍ଲିକ ଉପଜିଲାପାଳ ରଜନୀକାନ୍ତ ବିଶ୍ୱାଳ ସ୍କୁଲ ପରିଦର୍ଶନରେ ଯାଇଥିଲେ। ଏ ସମ୍ପର୍କରେ ଉପଜିଲାପାଳ କୁହନ୍ତି, ଖୁବଶୀଘ୍ର ବିଦ୍ୟାଳୟ ପାଇଁ ଜାଗା ଯୋଗାଇ ଦିଆଯିବ। ଡିପିସିଙ୍କ ସହ ଆଲୋଚନା କରି ଟଙ୍କା ମଞ୍ଜୁର ପାଇଁ କୁହାଯାଇଛି।

### ■ରିମିଟ୍ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

## ଶୃଙ୍ଖଳିତ ହେଲେ ସଫଳତା ନିଶ୍ଚିତ: ଡିଆଇଜି


ଅତିଥି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

ଅନୁଗୋଳ ଅଫିସ, ୨୯।୧୧

ଅନୁଗୋଳ ପଞ୍ଚମହଲାସ୍ଥିତ ରିମିଟ୍ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ସହ ଉଚ୍ଚାଭିଳାସୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଆଇଆଇଟି ଖଡ଼ଗପୁରରେ ପଢୁଥିବାବେଳେ ତାଙ୍କ ସହପାଠୀ ତଥା ବର୍ତ୍ତମାନ ଗୁଗଲ କମ୍ପାନୀର ସିଇଓ ସୁନ୍ଦର ପିଚାଇଙ୍କ ଶୃଙ୍ଖଳିତ ଜୀବନ ଶୈଳୀକୁ ସେ ଛାତ୍ରମାନଙ୍କ ଆଗରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ନିଜ ଉପରେ ନିୟନ୍ତ୍ରଣ ରହିପାରିଲେ ମଣିଷ ସୁନ୍ଦର ପିଚାଇଙ୍କ ପରି ମହାନ ବ୍ୟକ୍ତିତ୍ୱ ହୋଇପାରିବ। ମୁଖ୍ୟବକ୍ତା ଶିକ୍ଷାବିତ୍ ଶାନ୍ତନୁ କୁମାର ସର ଯୋଗଦେଇ ଛାତ୍ରମାନଙ୍କୁ କହିଥିଲେ ଯେ, ଏମିତି ସ୍ୱପ୍ନ ଦେଖ ଯାହା ତୁମକୁ ରାତିରେ ଶୋଇବାକୁ ଦେବ ନାହିଁ। ବର୍ତ୍ତମାନ ଉପଯୁକ୍ତ ତାଲିମ ହିଁ ଭାରତୀୟ ଯୁବବର୍ଗଙ୍କୁ ଶୀର୍ଷରେ ପହଞ୍ଚାଇପାରିବ। ଅନ୍ୟତମ ସମ୍ମାନିତ ଅତିଥି କିଟ୍ ୟୁନିଭରସିଟି ଭୁବନେଶ୍ୱରର ନିର୍ଦ୍ଦେଶକ ଯୋଗଦେଇଥିଲେ। ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଉଦୟନାଥ ବେହେରା ପାଠପଢ଼ା ସରିବା ପରେ ସମାଜ ସେବାରେ ନିଜକୁ ସମର୍ପଣ କରିବାକୁ ପରାମର୍ଶ ଦେଇଥିଲେ। ରିମିଟ୍ ଅଧ୍ୟକ୍ଷ ଅଭୟ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ■ମିଶ୍ରପଡ଼ାରେ ଏମ୍‌ସିସି ନିର୍ମାଣକୁ ବିରୋଧ ଘଟଣା

## ଲୋକଙ୍କୁ ସଚେତନ କରିବ ପୌରପାଳିକା

ଅନୁଗୋଳ ଅଫିସ, ୨୯।୧୧

ଅନୁଗୋଳ ପୌରପାଳିକା ପକ୍ଷରୁ ମିଶ୍ରପଡ଼ା ସ୍ଥିତ ହାଇଟେକ୍ ନର୍ସରୀ ପାଖରେ ମାଇକ୍ରୋ କମ୍ପୋଷ୍ଟିଙ୍ଗ ସିଷ୍ଟମ(ଏମ୍‌ସିସି) ନିର୍ମାଣକୁ ଗୁରୁବାର ବିରୋଧ କରାଯାଇଥିଲା। ଏ ନେଇ ଶୁକ୍ରବାର ଅପରାହ୍ନରେ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ପ୍ରକୋଷ୍ଠରେ ପ୍ରଶାସନ, ପୋଲିସ, ସ୍ଥାନୀୟ ଜନସାଧାରଣ ଓ ପୌରକର୍ତ୍ତୃପକ୍ଷଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ପୌରକର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କ ନିକଟକୁ ଯାଇ ଏମ୍‌ସିସି ସମ୍ପର୍କରେ ବୁଝାଇବା ପରେ କାର୍ଯ୍ୟ ଆରମ୍ଭ କରିବ ବୋଲି ବୈଠକରେ ସ୍ଥିର କରାଯାଇଥିବା ସୂଚନା ମିଳିଛି।

ମିଶ୍ରପଡ଼ା ସ୍ଥିତ ହାଇଟେକ୍ ନର୍ସରୀ ପାଖରେ ଏହି ଏମ୍‌ସିସି ନିର୍ମାଣ କରାଯିବ। କିନ୍ତୁ ଏ ନେଇ ସ୍ଥାନୀୟ ଲୋକଙ୍କୁ ସଚେତନ ନ କରି ପୌରପାଳିକା କାର୍ଯ୍ୟ ଆରମ୍ଭ କରିଥିବାରୁ ତାହାକୁ ବିରୋଧ କରାଯାଇଥିଲା। ଫଳରେ କାର୍ଯ୍ୟ ସ୍ଥଗିତ ରଖାଯିବା ସହ ଉପଜିଲାପାଳଙ୍କ ନେତୃତ୍ୱରେ ବୈଠକ ବସିଥିଲା। ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଯେ, ଏମ୍‌ସିସି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଏକ ବ୍ୟାନର ମାଧ୍ୟମରେ ନିର୍ମାଣାଧୀନ ସ୍ଥାନରେ ଲଗାଯିବ। ସେହିପରି ଏମ୍‌ସିସିରେ କିପରି କାର୍ଯ୍ୟ ହେଉଛି ତାହାର ଛବି ମଧ୍ୟ ପୋଷ୍ଟରରେ ଦର୍ଶାଯିବ। ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଲୋକଙ୍କ ସହ ପୌରକର୍ତ୍ତୃପକ୍ଷ ଆଲୋଚନା କରିବେ। ଏହି ବୈଠକରେ ଉପଜିଲାପାଳ ଶତପଥୀଙ୍କ ସହ ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ ସାହୁ, ପୌରନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ପୂର୍ବତନ କାଉନସିଲର ବଳବୀର ସିଂହ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

### ବାଲିଘାଟରୁ ଜେସିବି, ଟ୍ରାକ୍ଟର ଜବତ

ଭଣ୍ଡାରିପୋଖରୀ,୨୯।୧୧ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ତହସିଲ ଅଧୀନ ମଣିନାଥପୁରସ୍ଥିତ ବୈତରଣୀ ନଦୀଘାଟରୁ ବାଲି ଚୋର ଜେସିବି ଲଗାଇ ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରୁଛନ୍ତି। ସ୍ଥାନୀୟ ପ୍ରଶାସନ ଜାଣି ମଧ୍ୟ ଏଥିପ୍ରତି ଅଙ୍କୁଶ ଲଗାଇବାରେ ସକ୍ଷମ ହେଉନାହିଁ ବୋଲି ଅଭିଯୋଗ ହେଉଛି। ଶୁକ୍ରବାର ଏକ ଜେସିବି ନଦୀଗର୍ଭରୁ ବାଲି ଉତ୍ତୋଳନ କରି ଟ୍ରାକ୍ଟରକୁ ଲୋଡ୍ ଦେଉଥିବାବେଳେ ଅତିରିକ୍ତ ତହସିଲଦାର ଶରତ କୁମାର ସ୍ୱାଇଁ, ସୁପରଭାଇଜର ରବୀନ୍ଦ୍ର କୁମାର ଜେନା, ତହସିଲ କର୍ମଚାରୀ ସୁବାସ ପୃଷ୍ଟି, ପ୍ରଦୀପ ଜେନା ଚଢ଼ାଉ କରି ଗୋଟିଏ ଜେସିବି ଓ ଟ୍ରାକ୍ଟର ଜବତ କରିଥିଲେ। ଜବତ ଟ୍ରାକ୍ଟର ଓ ଜେସିବିକୁ ନେବା ପାଇଁ ତହସିଲ ପକ୍ଷରୁ ପୋଲିସକୁ ଜଣାଯାଇଥିଲେ ମଧ୍ୟ ପୋଲିସ ଏସ୍କର୍ଟ ଥିବା ଦର୍ଶାଇ ନ ଆସିବାରୁ ଅତିରିକ୍ତ ତହସିଲଦାର ଗ୍ରାମବାସୀଙ୍କ ହେପାଜତରେ ଗାଡ଼ି ଦୁଇଟିକୁ ଜିମା ଦେଇଥିଲେ। ସନ୍ଧ୍ୟା ସୁଦ୍ଧା ଜେସିବି ମାଲିକ ୭୫ ହଜାର ଟଙ୍କା ଜରିମାନା ଦେଇ ଗାଡ଼ି ନେଇଛନ୍ତି।

### ■ଧଉରାଗୋଠ ଜଳସେଚନ ପ୍ରକଳ୍ପକୁ ବିରୋଧ

## ମରିଯିବୁ ପଛେ ଜାଗା ଦେବୁନି


ଡଙ୍ଗାଧର ଗ୍ରାମରେ ଅନୁଷ୍ଠିତ ପଲ୍ଲିସଭା।

ବଇଣ୍ଡା,୨୯।୧୧(ଡି.ଏନ୍.ଏ.)

ସଂସାରକୁ ଚଳାଉଥିବା ଭିଟାମାଟିକୁ ଛଡ଼ାଇ ନେଇ ଧଉରାଗୋଠ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା କରାଯାଉଛି। ହେଲେ ଦାନା ଦେଉଥିବା ଜମିରୁ ଇଞ୍ଚେ ବି ପ୍ରକଳ୍ପ ପାଇଁ ଛଡାଯିବନି ବୋଲି ଜିଦ୍ ଧରିବା ସହ ଶୁକ୍ରବାର ଆଠମଲ୍ଲିକ ବ୍ଲକ ପେଡ଼ିପଥର ପଞ୍ଚାୟତ ଡଙ୍ଗାଧର ଗ୍ରାମରେ ଅନୁଷ୍ଠିତ ମାନଜୋର ଜଳସେଚନ ବିଭାଗ ଓ ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ପଲ୍ଲିସଭାରେ ଡଙ୍ଗାଧର ଗ୍ରାମବାସୀ ଏହାର ବିରୋଧ କରିଛନ୍ତି। ଗ୍ରାମ କୋଠଘର ନିକଟସ୍ଥ ଏକ କୁଡ଼ିଆରେ ଅନୁଷ୍ଠିତ ପଲ୍ଲିସଭାରେ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ମାନଜୋର ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ସନାତନ ପାତ୍ର, ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଗଡ଼ନାୟକ, ସହକାରୀ ଯନ୍ତ୍ରୀ ସରେଶ ଚନ୍ଦ୍ର ଗଡ଼ନାୟକ, ସୁଧାକର ପଟ୍ଟନାୟକ, ଗ୍ରାମ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ଚୁଳମଣି ଦେହୁରି, ମଞ୍ଜୁ ପ୍ରଧାନ, ରୂପେଇ ବାଘ, ପ୍ରମୋଦା ପ୍ରଧାନ, ଦାମିନୀ ସାହୁ, ଫୁଲ ପ୍ରଧାନ, ତିଳୋତ୍ତମା ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମବାସୀ କହିଥିଲେ, ଧଉରାଗୋଠ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଲେ ଡଙ୍ଗାଧର ଗାଁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବ। ଏହି ଗ୍ରାମରେ ବସବାସ କରୁଥିବା ୧୫୦ରୁ ଊର୍ଦ୍ଧ୍ୱ ପରିବାର ସେମାନଙ୍କର ଜୀବିକା ହରାଇବେ। ଗ୍ରାମବାସୀଙ୍କ ଭିଟାମାଟି ଯିବା ସହ ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ତୁରନ୍ତ ସରକାର ଏଥିପ୍ରତି ଦୃଷ୍ଟିଦେଇ ପ୍ରକଳ୍ପ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମଦ କାରବାର ବନ୍ଦ ଦାବିରେ ବିକ୍ଷୋଭ



କିଶୋରନଗରଠାରେ ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିବା ମହିଳାମାନେ।

ବଇଣ୍ଡା/କଣିହାଁ, ୨୯।୧୧(ଡି.ଏନ୍.ଏ.)

ସାରା ରାଜ୍ୟରେ ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରିବା ସହ ନୂତନ ମୋଟର ସାଇକେଲ ଯାନ ଆଇନକୁ ପ୍ରତ୍ୟାହୃତ ଦାବିରେ ଶୁକ୍ରବାର କିଶୋରନଗର ବ୍ଲକ ସମ୍ମୁଖରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ କିଶୋରନଗର ଶାଖା ପକ୍ଷରୁ ବ୍ଲକ ଘେରାଉ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କମିଟିର ସଭାନେତ୍ରୀ ଫୁଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସମ୍ପାଦିକା କାଞ୍ଚନ ବାରିକ, ଉପସଭାନେତ୍ରୀ ପଦ୍ମିନୀ ମୁଣ୍ଡା, କୁମୁଦିନୀ ପ୍ରଧାନ, ଅଶକରା ମୁଣ୍ଡା, କୁମାରୀ ସେଠୀ, ଦୟାନିଧି ମୁଣ୍ଡା, ପୂର୍ବତନ ସରପଞ୍ଚ ରମଣି ରଞ୍ଜନ ପ୍ରଧାନ, ପୀତବାସ ଭୋଇଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ସଙ୍ଗଠନ ପକ୍ଷରୁ କୁହାଯାଇଥିଲା ଯେ, ସାରା ରାଜ୍ୟ, ବିଶେଷ କରି କିଶୋରନଗର ଅଞ୍ଚଳରେ ମଦ କାରବାର ବୃଦ୍ଧି ପାଉଛି। ନିରୀହ ଆଦିବାସୀ ଲୋକ ମଦ ପିଉଥିବାରୁ ସେମାନଙ୍କ ସଂସାର ଉଜୁଡି ଯାଉଛି। ନାରୀ ନିର୍ଯାତନା ବୃଦ୍ଧି ପାଉଛି। ତୁରନ୍ତ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ଶେଷରେ ସଦସ୍ୟମାନେ ଏକ ଦାବିପତ୍ର ବ୍ଲକ ଆକାଉଣ୍ଟାଣ୍ଟ ଅଫିସରଙ୍କ ଜରିଆରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ସେହିପରି କଣିହାଁ ବ୍ଲକ ସମ୍ମୁଖରେ ମଦ ବିକ୍ରି ବନ୍ଦ ଓ ନାରୀ ନିର୍ଯାତନା ବନ୍ଦ କରିବା ଦାବିରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ କଣିହାଁ କମିଟି ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା। ସଙ୍ଗଠନର କର୍ମକର୍ତ୍ତାମାନେ କଣିହାଁ ପୁରୁଣାହାଟ ପଡ଼ିଆଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ କରିଥିଲେ। ବ୍ଲକ ସମ୍ପାଦିକା ପ୍ରଗତିବାଳା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଙ୍ଗଠନର ଜିଲା ସମ୍ପାଦିକା ମାନସୀ ସ୍ୱାଇଁ, ଗଦାଶିଳା ସରପ, ଜେମାମଣି ନାଏକ, ସଙ୍ଗଠିକା ନିର୍ମଳା ପ୍ରଧାନ, ରୁକ୍ମଣୀ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଶେଷରେ ଅନୁଗୋଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା।

### ■ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ

## କଣିହାଁରେ କମୁଛନ୍ତି କନ୍ୟା ସନ୍ତାନ

ଅନୁଗୋଳ ଅଫିସ, ୨୯।୧୧


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

ଅନୁଗୋଳ ଜିଲାରେ ଚାଲୁଥିବା ଅଲଟ୍ରାସାଉଣ୍ଡ କ୍ଲିନିକଗୁଡ଼ିକରେ ପିସି ଓ ପିଏନ୍‌ଡିଟି ଆଇନର ଠିକ୍ କାର୍ଯ୍ୟକାରିତାକୁ ନେଇ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳର ଲିଙ୍ଗଗତ ବୈଷ୍ୟମତା ସମ୍ପର୍କରେ ଅତିରିକ୍ତ ଜିଲାପାଳ ସମୀକ୍ଷା କରିଥିଲେ।

କଣିହାଁ ଅଞ୍ଚଳରେ କନ୍ୟା ସନ୍ତାନମାନଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ କମୁଥିବାରୁ ଅତିରିକ୍ତ ଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ବୁଲି ନବଜାତ ସନ୍ତାନମାନଙ୍କ ଜନ୍ମ ପଞ୍ଜୀକରଣ କରିବା ସହ ଆସନ୍ନ ପ୍ରସବାଙ୍କ ଉପରେ ତୀକ୍ଷଣ ଦୃଷ୍ଟି ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅଣପଞ୍ଜୀକୃତ ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡ଼ିକୁ ଚିହ୍ନଟ କରି କାର୍ଯ୍ୟର ବିବରଣୀ ସଂଗ୍ରହ କରିବା ସହ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକଙ୍କ ନିୟମାବଳୀକୁ ଅନୁସରଣ କରିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଉପସ୍ଥିତ ପବ୍ଲିକ ପ୍ରୋସିକ୍ୟୁଟର ପ୍ରଦୀପ ଦାସ ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡ଼ିକର ପଞ୍ଜୀକରଣର ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ଶିଶୁ କନ୍ୟାମାନଙ୍କ ଗୁରୁତ୍ୱ ସମ୍ପର୍କରେ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ସହାୟତାରେ ନାରୀ ସୁରକ୍ଷା ସମିତି ଛେଣ୍ଡିପଦା ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଆସନ୍ତା ଜାନୁୟାରୀ ୧୮ରୁ ୨୪ ତାରିଖ ସପ୍ତାହବ୍ୟାପୀ ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳନ ଅବସରରେ ଜିଲାସାରା ଏକ ସଚେତନତା ରଥ ପରିକ୍ରମା କରି କନ୍ୟା ସନ୍ତାନମାନଙ୍କ ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତା ପ୍ରଚାର କରିବ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ପିସି ଓ ପିଏନ୍‌ଡିଟିର ପିଏ ପର୍ଶୁରାମ ପଣ୍ଡା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ସୁକାନ୍ତି ଦାସ, ନାରୀ ସୁରକ୍ଷା ସମିତି ଅଧ୍ୟକ୍ଷା ସ୍ମିତାରାଣୀ ପଟ୍ଟନାୟକ, ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର, ସାମାଜିକ କର୍ମୀ ଜ୍ୟୋତିର୍ମୟୀ ଦେହୁରୀ ଓ ଆଇସିଡିଏସ୍‌ର ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥଙ୍କ ସମେତ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଁଅରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237546 ଢେଙ୍କାନାଳ,ଶନିବାର,୩୦ ନଭେମ୍ବର/୨୦୧୯, Dhenkanal, Saturday, November 30 / 2019


## ସଂକ୍ଷେପରେ

### ଗଣ୍ଡ କୋର ଅଞ୍ଚଳରୁ ମାଛ ଶିକାର, ଜଣେ ଗିରଫ




ବନ୍ତଲା, ୨୯।୧୧ (ଡି.ଏନ.ଏ.) : ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଟିକରପଡା ରେଞ୍ଜ ମହାନଦୀ ଗଣ୍ଡ କୋର ଅଞ୍ଚଳରେ ବେଆଇନ ଭାବେ ମାଛ ମାରିବା ଅଭିଯୋଗରେ ପୁରୁଣାକୋଟ ଥାନା ରାମିମୁଣ୍ଡା ଗ୍ରାମର ବିମ୍ବାଧର ବେହେରା(୫୬)ଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ସକାଳେ ରେଞ୍ଜର ଜୟନ୍ତ ପଟ୍ଟନାୟକଙ୍କ ସମେତ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ସେ ଧରା ପଡିଥିଲେ। ତାଙ୍କଠାରୁ ଜାଲ ଜବତ ସହ ଏକ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

### ସ୍ତ୍ରୀଙ୍କୁ ନିର୍ଯାତନା, ଅଧାପକ ଗିରଫ

ତାଳଚେର, ୨୯।୧୧(ନି.ପ୍ର.): ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ କଲିୟାରୀ ପୋଲିସ ଜଣେ ଅଧାପକ ମହେନ୍ଦ୍ର ବେହେରାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ପୋଲିସ କହିଛି, ମହେନ୍ଦ୍ର ୨୦୧୩ରେ ଚମ୍ପୁପ୍ରିୟା ସାହୁଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ମହେନ୍ଦ୍ର ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ମାଡ଼ ମାରୁଥିବା ଅଭିଯୋଗ ହୋଇଥିଲା। ଚମ୍ପୁପ୍ରିୟାଙ୍କ ଅଭିଯୋଗ କ୍ରମେ ପୋଲିସ ୪୧୩/୧୯ରେ ମାମଲା ରୁଜୁ କରିଛି।

### ଟ୍ରେଲର ଧକ୍କାରେ ଛାତ୍ର ଗୁରୁତର



ଅନୁଗୋଳ ଅଫିସ, ୨୯।୧୧: ଅନୁଗୋଳ ଥାନା ରନ୍ତଲେଇଠାରେ ଶୁକ୍ରବାର ଏକ ଟ୍ରେଲର ଧକ୍କାରେ ଛାତ୍ର ଯଶୋବନ୍ତ ବେହେରା(୧୪) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଯଶୋବନ୍ତ ରନ୍ତଲେଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ୫୫ ନମ୍ବର ଜାତୀୟ ରାଜପଥ ପାର ହୋଇ ଯାଉଥିବାବେଳେ ସମ୍ବଲପୁର ଆଡୁ ଆସୁଥିବା ଟ୍ରେଲର ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ।

# ବିଡିଓଙ୍କ ହାତରେ କୋଡ଼ି କୋଦାଳ

ଛେଣ୍ଡିପଦା,୨୯।୧୧(ଅଜିତ କୁମାର ଧଳ)


କ୍ୱାର୍ଟର୍ସ ପଛପଟୁ ଶାଗ ତୋଳୁଛନ୍ତି ସୁନୀଲ।

ଅନ୍ୟ ବାବୁମାନଙ୍କ ପରି ସେ ବି ଜଣେ ବାବୁ। ହେଲେ ତାଙ୍କ ନିକଟରେ ନାହିଁ ବାବୁ ପଣିଆ। କୌଣସି ଅର୍ଡର୍ଲିଙ୍କୁ ସେ ରଖି ବାଡ଼ି ବଗିଚା କାମରେ ଲଗାଇ ନାହାନ୍ତି। ବରଂ ନିଜ ବଗିଚାର ଯତ୍ନ ନିଜେ ନେଉଛନ୍ତି। କଲମ ଧରା ହାତରେ କୋଡ଼ି କୋଦାଳ ଧରି କରୁଛନ୍ତି ଚାଷ। ମାତ୍ର ୨ ମାସ ପରିଶ୍ରମରେ ସେ କ୍ୱାର୍ଟର୍ସ ପରିସରରେ ୧୮ ପ୍ରକାର ପରିବା ଚାଷ କରି ବାବୁ ମହଲରେ ଭିନ୍ନ ଏକ ପରିଚୟ ସୃଷ୍ଟି କରିପାରିଛନ୍ତି।

ଅନୁଗୋଳ ଜିଲାରେ କାର୍ଯ୍ୟ କରୁଥିବା ଏହି ବାବୁ ଜଣକ ହେଲେ ଛେଣ୍ଡିପଦା ବିଡିଓ ସୁନୀଲ କୁମାର କେର୍କେଟା। ଘର ସୁନ୍ଦରଗଡ ଜିଲା ଝୁନମୁର ଗ୍ରାମରେ। ଗାଁ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଶେଷ କରିଥିବା ସୁନୀଲ ୧୯୯୭ରେ ଦାର୍ଜିଲିଂରେ ଗ୍ରାଜୁଏଶନ ପାସ୍ କରିଥିଲେ। ଏହାପରେ ରାଉରକେଲା ସରକାରୀ କଲେଜରେ ଇଂରାଜୀରେ ପିଜି କରିବା ସହ ଓଏଏସ୍ ପରୀକ୍ଷାରେ ମଧ ଉତ୍ତୀର୍ଣ୍ଣ ହୋଇଥିଲେ। ଚାକିରି ନ ମିଳିବା ପର୍ଯ୍ୟନ୍ତ ୪ ବର୍ଷ ଶିକ୍ଷକତା କରି ପରିବାରର ଗୁଜୁରାଣ ମେଣ୍ଟାଇଥିଲେ। ୨୦୦୫ରେ ରେଙ୍ଗାଳି ଇରିଗେଶନ ପ୍ରୋଜେକ୍ଟର ଲ୍ୟାଣ୍ଡ ଆକ୍ୟୁଜିଶନ ଅଧିକାରୀ ଭାବେ ସେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୧୧ରେ ରାଜ୍ୟ ସରକାର ତାଙ୍କୁ ବିଡିଓ ପଦବୀରେ ଅବସ୍ଥାପିତ କରିବା ପରଠୁ ସେ ବିଭିନ୍ନ ବ୍ଲକରେ କାର୍ଯ୍ୟ କରିସାରିଛନ୍ତି। ବର୍ତ୍ତମାନ ସେ ଛେଣ୍ଡିପଦା ବ୍ଲକ ଦାୟିତ୍ୱରେ ଅଛନ୍ତି। କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କ ସମସ୍ୟା ସମାଧାନ କରି ସେମାନଙ୍କୁ ଖୁସି କରିପାରିଲେ ଆନନ୍ଦ ମିଳିଥାଏ ବୋଲି ସୁନୀଲ କହିଛନ୍ତି। ଛେଣ୍ଡିପଦାରେ ଯୋଗଦେବାର ଦୁଇ ମାସ ମଧ୍ୟରେ ସେ ନିଜେ ସରକାରୀ କ୍ୱାର୍ଟର୍ସ ପଛପଟେ ୧୮ରୁ ଊର୍ଦ୍ଧ୍ୱ ପ୍ରକାରର ପନିପରିବା ଲଗାଇଛନ୍ତି। ସୁନୀଲ କୁହନ୍ତି, ବଜାରରୁ ପରିବା କିଣି ଖାଇବା ଅପେକ୍ଷା ନିଜ ପରିଶ୍ରମରେ ଚାଷ କରିବା ସହିତ ବାଡିରୁ ତୋଳି ଖାଇବାର ମଜା ଅଲଗା। ଏହାଛଡ଼ା ଚାଷ କରିବା ଦ୍ୱାରା ସ୍ୱାସ୍ଥ୍ୟ ଠିକ୍ ରହିବା ସହିତ ମନ ମଧ ପ୍ରଫୁଲ୍ଲ ରହିଥାଏ। ତେଣୁ କର୍ମମୟ ଜୀବନରୁ କିଛି ସମୟ ବାହାର କରି ସେ ନିଜେ ଚାଷ କରିବାକୁ ପସନ୍ଦ କରିଥାନ୍ତି। ଏପରି କି ବଜାରରୁ ରାଶନ ସାମଗ୍ରୀ ଆଣିବା, ବଗିଚାରେ ପାଣି ଦେବା, ଫୁଲଗଛ ଲଗାଇବା ଆଦି କାର୍ଯ୍ୟ ସେ ନିୟମିତ କରିଥାନ୍ତି। ପ୍ରାତଃ ଭ୍ରମଣ ପରେ ସେ ବଗିଚା ସଫେଇ ଓ ପରିବା ଚାଷ ପାଇଁ କିଛି ସମୟ ବାହାର କରନ୍ତି। ଏବେ କ୍ୱାର୍ଟର୍ସ ପଛପଟେ ସେ ବାଇଗଣ, ଟମାଟୋ, ଭେଣ୍ଡି, ଧନିଆପତ୍ର, ମୂଳା, କଲରା, ଫୁଲକୋବି, ବନ୍ଧାକୋବି, ବିନ୍, ସୋରିଷ ଶାଗ, ପାଳଙ୍ଗ, କୋଶଳା, ମଟର ଛୁଇଁ ଆଦି ଲଗାଇଥିବା ସୁନୀଲ ପ୍ରକାଶ କରିଛନ୍ତି।

- ବାଡ଼ିରେ କରିଛନ୍ତି ୧୮ ପ୍ରକାର ପରିବା ଚାଷ
- ନିଜ ବଗିଚାର ଯତ୍ନ ନିଜେ ନେଉଛନ୍ତି
- ଚାକିରି ପୂର୍ବରୁ କରୁଥିଲେ ଶିକ୍ଷକତା






# ଜିଲାପାଳଙ୍କ ଡିସେମ୍ବର ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୨୯।୧୧

ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଡିସେମ୍ବର ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲାପାଳ ମନୋଜ କୁମାର ମହାନ୍ତି ଓ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେବେ। ଡିସେମ୍ବର ୨ ସୋମବାର ପୂର୍ବାହ୍ନ ୧୦ଟାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ୯ ତାରିଖ ସୋମବାର ପୂର୍ବାହ୍ନ ୧୦ଟାରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ, ୧୬ ତାରିଖ ପୂର୍ବାହ୍ନ ୧୦ଟାରେ ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ, ୨୩ ତାରିଖରେ ଜିଲା କାର୍ଯ୍ୟାଳୟ ଓ ୩୦ ତାରିଖରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ସେହିପରି ୯ ତାରିଖ ଅପରାହ୍ନ ୩ ଘଟିକାରେ କିଶୋରନଗର ବ୍ଲକ ଠେଲକୋନାଳୀ ପଞ୍ଚାୟତ କାର୍ଯ୍ୟାଳୟ ଠାରେ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ନିଜ ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଛି।

# ଗଣିତ ବିଭାଗର ଆଲୋଚନା ଚକ୍ର



ଅତିଥିମାନେ ମାଗାଜିନ୍ ଉନ୍ମୋଚନ କରୁଛନ୍ତି।

ବନ୍ତଲା, ୨୯।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଲା ଯୁକ୍ତ ୩ ଉଚ୍ଚତର ଶିକ୍ଷା ମହାବିଦ୍ୟାଳୟରେ ଶୁକ୍ରବାର ଗଣିତ ବିଭାଗର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ମନମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଆଠଗଡ ଗୋପବନ୍ଧୁ ସାଇନ୍ସ କଲେଜ ଗଣିତ ବିଭାଗର ରିଡର ଡ. ଲୋକନାଥ ସାହୁ, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ମହାବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ କିଶୋର ଚନ୍ଦ୍ର ପୃଷ୍ଟି, ବନ୍ତଲା ମହାବିଦ୍ୟାଳୟର ଅଧ୍ୟାପିକା ସୋମାଲିନ ପ୍ରଧାନ ଯୋଗ ଦେଇଥିଲେ। ପଦ୍ମ ଚରଣ ସାହୁ ଆଲୋଚନା ଚକ୍ର ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ବିଭାଗର ସୋଭେନିୟର ମାଗାଜିନ ଉନ୍ମୋଚନ କରିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସିଦ୍ଧ ଗଣିତଜ୍ଞଙ୍କ ଫଟୋ ଗ୍ୟାଲେରୀ ଓ ଗଣିତ ପ୍ରୋଜେକ୍ଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେମିନାର ସେକ୍ରେଟାରୀ ସୌମ୍ୟସୀତା ପ୍ରଧାନ, ଅଶ୍ୱିନୀ ମାଝୀ ସହଯୋଗ କରିଥିଲେ। ଛାତ୍ର ସଚିବ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ନିଯୁକ୍ତି, ଥଇଥାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ତାଳଚେର,୨୯।୧୧(ନି.ପ୍ର.)

ତାଳଚେର ବ୍ଲକ ହେଁସମୂଳ ଗ୍ରାମ ସହରସାହି ବାସିନ୍ଦା ନିଯୁକ୍ତି, ଥଇଥାନ ଓ ପୁନର୍ବାସ ନିମନ୍ତେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସହରସାହି ସଭାପତି ପ୍ରାଣବନ୍ଧୁ ବେହେରାଙ୍କ ନେତୃତ୍ୱରେ ଗ୍ରାମବାସୀ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ହେଁସମୂଳ ଗ୍ରାମ ଏମ୍‌ସିଏଲ୍‌ର ଭୁବନେଶ୍ୱରୀ କୋଇଲା ଖଣି ଦ୍ୱାରା ୧୯୯୯ରୁ ଅଧିଗ୍ରହଣ ହୋଇଛି। କିନ୍ତୁ ଏଯାଏ ଅଳ୍ପ କେତେକ ପରିବାରକୁ ନିଯୁକ୍ତି ପ୍ରଦାନ କରାଯାଇଛି। ସାହିର ଅଧିକାଂଶ ଲୋକ ଅଶିକ୍ଷିତ ଓ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ସେମାନଙ୍କୁ ନିଯୁକ୍ତି, ଥଇଥାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଗ୍ରାମର ପୁନର୍ବାସ ପାଇଁ ଗୁରୁଜାଙ୍ଗ ପୁନର୍ବାସ ସ୍ଥଳୀ ନିର୍ଦ୍ଧାରିତ ହୋଇଥିଲେ ହେଁ ତାହାର ସମ୍ପୂର୍ଣ୍ଣ ଉନ୍ନତୀକରଣ କରାଯାଇ ନାହିଁ। ଏ ସମ୍ପର୍କରେ ଖଣି କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରି ଗ୍ରାମ ଛାଡି ଚାଲିଯିବାକୁ ବାଧ୍ୟ କରୁଛନ୍ତି। ତେଣୁ ସମସ୍ତ ଜମିହରାଙ୍କୁ ନିଯୁକ୍ତି ପ୍ରଦାନ, ୧୮ ବର୍ଷରୁ ଊର୍ଦ୍ଧ୍ୱ ସାବାଳକଙ୍କୁ ରାଜ୍ୟ ସରକାରଙ୍କ ୨୦୦୬ ଥଇଥାନ ନୀତି ଅନୁଯାୟୀ ନିଯୁକ୍ତି ଦେବା, ଭୂମିହୀନଙ୍କୁ ଏକକାଳୀନ ଦଶ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା, ଗୁରୁଜାଙ୍ଗ ପୁନର୍ବାସ ସ୍ଥଳୀର ଉନ୍ନତୀକରଣ କାର୍ଯ୍ୟ ତୁରନ୍ତ ସମାପନ କରିବା ପାଇଁ ସାହିବାସୀ ଦାବି କରିଛନ୍ତି।






## ■ଢେଙ୍କାନାଳରେ ଅର୍ଥମନ୍ତ୍ରୀ

# 'ଚୋରା ମଦ ବିକ୍ରି ସମ୍ପୂର୍ଣ୍ଣ ନିଷେଧ କର'


ସମୀକ୍ଷା ବୈଠକରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ସୁଧୀର ସାମଲ, ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୨୯।୧୧

କଲିକତାରୁ ବିପୁଳ ପରିମାଣରେ ନକଲି ମଦ ଓଡ଼ିଶାକୁ ଆସୁଛି। ଚୋରା ମଦ ବ୍ୟବସାୟୀମାନେ ଏହାକୁ ବିଭିନ୍ନ ଅଞ୍ଚଳକୁ ପହଞ୍ଚାଉଛନ୍ତି। ଏହାକୁ ରୋକିବାକୁ ଅବକାରୀ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ। ଢେଙ୍କାନାଳରେ ଚୋରା ମଦ ପ୍ରସ୍ତୁତି ଏବଂ ବିକ୍ରିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଦିଗରେ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ଅର୍ଥ ଏବଂ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ। ଶୁକ୍ରବାର ଦିନିକିଆ ଢେଙ୍କାନାଳ ଗସ୍ତରେ ଆସିଥିବାବେଳେ ସ୍ଥାନୀୟ ସର୍କିଟ ହାଉସ୍‌ରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଏହା କହିଥିଲେ।

ଏହି ଅବସରରେ ସେ ଫ୍ଲାଇଂ ସ୍କ୍ୱାଡ୍ ଧରପଗଡ଼, ଗୋଇନ୍ଦା ସକ୍ରିୟତା, ବିଷାକ୍ତ ମଦ ଦ୍ୱାରା ଯେପରି ଜୀବନହାନି ନ ହୁଏ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଏଥିସହ ଜିଲାର ୮ ବ୍ଲକରେ ଥିବା ୧୬ଟି ଠିପି ବନ୍ଦ ବିଦେଶୀ ମଦ ଦୋକାନର ବିବରଣୀ ଦେବାକୁ ସେ ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅବକାରୀ ଓ ପୋଲିସ ବିଭାଗ ମିଳିତ ଭାବେ କାର୍ଯ୍ୟକଲେ ପାନ ଓ ତେଜରାତି ଦୋକାନରେ ମଦ ବିକ୍ରି ବନ୍ଦ ହୋଇପାରିବ ବୋଲି ମନ୍ତ୍ରୀ ଦୃଢ଼ ଆଶାପୋଷଣ କରିଛନ୍ତି। ଭୁବନ ଅଞ୍ଚଳରେ ବିଦେଶୀ ବ୍ରାଣ୍ଡ୍ ନାମରେ ଅଧିକ ଚୋରା ବିଦେଶୀ ମଦ ବିକ୍ରି ହେଉଛି। କଫ୍ ସିରପ୍ ନିଶାରେ ଯୁବପିଢ଼ି କବଳିତ ହେଉଛନ୍ତି। ଏହାକୁ ରୋକିବା ଅତ୍ୟାବଶ୍ୟକ ହୋଇପଡ଼ିଛି। ସନ୍ଦିଗ୍ଧ ସ୍ଥାନଗୁଡ଼ିକରେ ଡ୍ରଗ୍ ଇନ୍ସପେକ୍ଟର ଏବଂ ପୋଲିସ ଅଧିକାରୀ ଚଢ଼ାଉ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଗଞ୍ଜେଇ ଚାଷ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଏଥିପାଇଁ ବ୍ୟାପକ ଧରପଗଡ଼ ଆରମ୍ଭ ହୋଇଛି। ଏହି ଅବସରରେ ନୂତନ ଅବକାରୀ ଜିଲା କାର୍ଯ୍ୟାଳୟ ନିର୍ମାଣ କରିବାକୁ ମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଅବକାରୀ କମିଶନର ଅଞ୍ଜନ କୁମାର ମାଣିକ୍ ବିଭାଗୀୟ ସମସ୍ୟା, ସମାଧାନ ଏବଂ ଆଇନ ସମ୍ପର୍କିତ ବାଧା, ଅଭିଯୁକ୍ତଙ୍କ ଦଣ୍ଡବିଧାନ ବିଷୟରେ ଆଲୋକପାତ କରିଥିଲେ। ଏସ୍‌ପି ଅନୁପମା ଜେମ୍ସ ଉପସ୍ଥିତ ଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ଅର୍ଥ ବିଭାଗର ସମୀକ୍ଷା କରାଯାଇଥିଲା। ଜିଏସ୍‌ଟିରେ ଅଧିକ ଉପଭୋକ୍ତାଙ୍କୁ ଅନ୍ତର୍ଭୁକ୍ତ କରିବା, ଏ ନେଇ ଆଇନଜୀବୀଙ୍କୁ ପ୍ରଶିକ୍ଷଣ, ଠିକାଦାରଙ୍କ କାର୍ଯ୍ୟ ଆକଳନ କରି ଜିଏସ୍‌ଟି ଆଦାୟ, ସେବା ପ୍ରଦାନକାରୀଙ୍କଠାରୁ ଟିକସ ଆଦାୟ, ନିୟମିତ ଯାନବାହନ ତନଖି, ଗୋଦାମ ଯାଞ୍ଚ କରି ଟିକସ ବୃଦ୍ଧି ପାଇଁ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଥିଲେ। ଜିଲାର ବିଭିନ୍ନ ସ୍ଥାନରେ ନକଲି ବିଲ୍ କରାଯାଇ ଟିକସ ଠକେଇ କରାଯାଉଛି। ସେସବୁ ସ୍ଥାନରେ ଯାଞ୍ଚ କଡ଼ାକଡ଼ି କରିବାକୁ ବିଧାୟକ ସୁଧୀର କୁମାର ସାମଲ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲା ଭୂମେଶ ଚନ୍ଦ୍ର ବେହେରା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଅଞ୍ଜନ ଦାସ, ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକଙ୍କ ସମେତ ଜିଲା ବାଣିଜ୍ୟକର ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଢେଙ୍କାନାଳ ସର୍କଲ ଡେପୁଟି କମିଶନର ଅଶୋକ କୁମାର ମହାନ୍ତି ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ।

- କଲିକତାରୁ ଆସୁଛି ବିପୁଳ ପରିମାଣର ନକଲି ବିଦେଶୀ ମଦ
- ଜିଏସ୍‌ଟିରେ ଅଧିକ ଉପଭୋକ୍ତାଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଗୁରୁତ୍ୱ

### ଆହାର ଖାଇଲେ, ମାନ ଯାଞ୍ଚ କଲେ

ଢେଙ୍କାନାଳ ଗସ୍ତରେ ଆସିଥିବା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଅପରାହ୍ନ ୧ଟାରେ ବସ୍‌ଷ୍ଟାଣ୍ଡ ନିକଟ ଆହାର କେନ୍ଦ୍ର ପରିଦର୍ଶନ କରି ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏହି ଅବସରରେ ସେ ୫ଟଙ୍କା ଦେଇ ଟୋକନ କିଣି ଭୋଜନ କରିଥିଲେ। କେନ୍ଦ୍ରରେ ସମସ୍ତ ବ୍ୟବସ୍ଥା ସୁଚାରୁରୂପେ ପରିଚାଳନା କରାଯାଉଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ମନ୍ତ୍ରୀଙ୍କ ସହ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଜନବିରୋଧୀ କାର୍ଯ୍ୟ ହେବନାହିଁ

ଢେଙ୍କାନାଳ ପୌରସଂସ୍ଥା ଅଧୀନ ଗଜମରା ଅଞ୍ଚଳରେ ଲୋକଙ୍କ ବିରୋଧ ସତ୍ତ୍ୱେ ଏକ ମଦ କମ୍ପାନୀ ପ୍ରତିଷ୍ଠା କରିବାକୁ ଯୋଜନା କରାଯାଉଛି। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି, ସେ ଥିବା ଯାଏ ଜନବିରୋଧୀ କାର୍ଯ୍ୟକୁ ପ୍ରଶ୍ରୟ ଦେବେନାହିଁ। ଜମି ହସ୍ତାନ୍ତର କଲେ ସବୁ କାମ ହୋଇଯିବ, ତାହା ନୁହେଁ ବୋଲି ମନ୍ତ୍ରୀ ସ୍ପଷ୍ଟୀକରଣ ରଖିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବରରେ ଓଡ଼ାପଡ଼ା ବ୍ଲକ ବଳରାମପୁର ନିକଟରେ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ମଦ କାରଖାନାକୁ ନେଇ ତମ୍ବିତୋଫାନ ଉଠିଥିଲା। ଶତାଧିକ ଗଛ କଟାଯାଇ କାରଖାନା ସ୍ଥାପନ କରିବାକୁ ମସୁଧା କରାଯାଉଥିବାବେଳେ ଅଞ୍ଚଳବାସୀ ତୀବ୍ର ବିରୋଧ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ମଦ କମ୍ପାନୀ ସ୍ଥାପନ ନିଷ୍ପତ୍ତିକୁ ବାତିଲ କରାଯାଇଥିଲା। ଏହି ଘଟଣା ପରେ ଗଜମରା ଅଞ୍ଚଳରେ ଏକ ମଦ କମ୍ପାନୀ ସ୍ଥାପନ କରିବାକୁ ସରକାରୀସ୍ତରରେ ଯୋଜନା କରାଯାଉଛି, ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ